

ଢେଙ୍କାନାଳ ସହର ଚାଲିଥିବା ଲକ୍ଷ୍ମୀ ପୂଜା ଅବସରରେ ଦେଉଳସାହି ପୂଜା ପ୍ରତିଷ୍ଠାନର ଚାନ୍ଦିମେଢ଼।



କୈବଲ୍ୟ ବଜାର ପୂଜା ପ୍ରତିଷ୍ଠାନର ଚାନ୍ଦିମେଢ଼।

ଫଟୋ– ମାନସ

**ଚାନ୍ଦି ମେଢ଼ରେ ଝଲସିଲେ ମା'**

# ବିରାଜିଲେ ବିଷ୍ଣୁପ୍ରିୟା



ଲକ୍ଷ୍ମୀବଜାର ପୂଜା ପ୍ରତିଷ୍ଠାନର ଚାନ୍ଦିମେଢ଼।



ଗୁଡ଼ିଆନାଳୀ ପୂଜା ପ୍ରତିଷ୍ଠାନର ଚାନ୍ଦିମେଢ଼।

ଢେଙ୍କାନାଳ,୧୭।୧୦(ରତନ ନାୟାର)

ଢେଙ୍କାନାଳ ଲକ୍ଷ୍ମୀପୂଜା ମହୋତ୍ସବରେ ଗୁରୁବାର ଦ୍ୱିତୀୟ ସନ୍ଧ୍ୟାରେ ପ୍ରବଳ ଜନଗହଳି ହୋଇଥିବା ଦେଖାଯାଇଥିଲା। ଚଳିତବର୍ଷ ୩୮ଟି ପୂଜା ମଣ୍ଡପରେ ମା'ଙ୍କ ପୂଜା ମହାସମାରୋହରେ ଅନୁଷ୍ଠିତ ହେଉଛି। ଚଳିତବର୍ଷ ୬ଟି ପୂଜା ଅନୁଷ୍ଠାନ ପକ୍ଷରୁ ଚାନ୍ଦିମେଢ ଅନୁଷ୍ଠିତ ହେଉଛି। ୧ନଂ ପୂଜା ପ୍ରତିଷ୍ଠାନ ମୀନାବଜାର ସମେତ ଲକ୍ଷ୍ମୀ ବଜାର, ଗଣେଶ ବଜାର, କୈବଲ୍ୟ ବଜାର, ଗୁଡିଆନାଳୀ ଓ ଚଳିତବର୍ଷ ଦେଉଳସାହି ପୂଜା ପ୍ରତିଷ୍ଠାନ ପକ୍ଷରୁ ଚାନ୍ଦି ମେଢରେ ମା' ପଦ୍ମାଳୟା ଝଲସୁଛନ୍ତି। ୧ନଂ ପୂଜା ପ୍ରତିଷ୍ଠାନ ଶ୍ରୀଶ୍ରୀ ମଉଡ଼ମଣି ରାଜଲକ୍ଷ୍ମୀ ପୂଜା ପ୍ରତିଷ୍ଠାନ ମୀନାବଜାରରେ ପ୍ରଥମେ ୧୯୬୫ ମସିହାରୁ ୪୬କେଜି ଓଜନର ଚାନ୍ଦିମେଢ ନିର୍ମାଣ କରାଯାଇଥିଲା। କଟକ ଚୌଧୁରୀ ବଜାର ଦୁର୍ଗାମେଢ ପରେ ଏହା ଓଡ଼ିଶାର ଦ୍ୱିତୀୟ ଚାନ୍ଦିମେଢ଼ ଭାବେ ଖ୍ୟାତି ଅର୍ଜନ କରିଥିବା ନେଇ ଜନମାନସରେ ଆଲୋଚନା ହୁଏ । ୧୯୭୬ ମସିହାରେ ଏହି ଚାନ୍ଦିମେଢ଼ ଚୋରି ହେବା ପରେ ପୁନର୍ବାର ୨୦୦୪ରେ ପ୍ରାୟ ୯୦ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି ଚାନ୍ଦିମେଢ଼ ପ୍ରତିବର୍ଷ ପୂଜାରେ ଶୋଭା ପାଉଛି।

୨୦୧୬ ମସିହାରେ କୈବଲ୍ୟ ବଜାର ପୂଜା ପ୍ରତିଷ୍ଠାନ ପକ୍ଷରୁ ୧ କୁଇଣ୍ଟାଲ ୩୦ କେଜିରେ ଚାନ୍ଦିମେଢ଼ ଅନୁଷ୍ଠିତ ହୋଇଥିଲେ । ଏଥିରେ ଦେଢ଼କୋଟି ଟଙ୍କା ବ୍ୟୟ ହୋଇଥିଲା। ଏଥି ପୂର୍ବରୁ ୨୦୧୫ରେ କୈବଲ୍ୟ ବଜାର ପୂଜା ପ୍ରତିଷ୍ଠାନରେ ମା'ଙ୍କର ସୁନା ମକୁଟ ଲାଗିଥିଲା । ୨୦୧୮ରେ ଗଣେଶ ବଜାର ପୂଜା ପ୍ରତିଷ୍ଠାନ ପକ୍ଷରୁ ଚାନ୍ଦିମେଢ଼ ଅନୁଷ୍ଠିତ ହୋଇଥିଲା । ଗଣେଶ ବଜାରରେ ମଧ ମା'ଙ୍କର ସୁନା ମକୁଟ ଲାଗି ହୋଇଛି। ଏଥିରେ ୩ କୁଇଣ୍ଟାଲ ଚାନ୍ଦି ବ୍ୟବହୃତ ହୋଇଥିଲା, ଯାହାର ମୂଲ୍ୟ ୧କୋଟି ୮୦ଲକ୍ଷ ଟଙ୍କା। ଏହାପରେ ୨୦୨୨ରେ ଲକ୍ଷ୍ମୀ ବଜାର ପୂଜା ପ୍ରତିଷ୍ଠାନ ପକ୍ଷରୁ ଦେଢ଼କୋଟି ଟଙ୍କା ବ୍ୟୟରେ ଦେଢ଼ କୁଇଣ୍ଟାଲ ଚାନ୍ଦିରେ ମେଢ଼ ଅନୁଷ୍ଠିତ ହୋଇଥିଲା । ସେହିପରି ଲକ୍ଷ୍ମୀ ବଜାରରେ ମା'ଙ୍କର ମୁକୁଟ ମଧ ସୁନା ଅଳଙ୍କାରେ ନିର୍ମିତ ହୋଇଛି । ୨୦୧୯ରେ ଗୁଡିଆନାଳୀ ପୂଜା ପ୍ରତିଷ୍ଠାନ ପକ୍ଷରୁ ୧ କୁଇଣ୍ଟାଲ ୨୫ କେଜିରେ ଚାନ୍ଦିମେଢ ଅନୁଷ୍ଠିତ ହୋଇଥିଲା। ଏଥିରେ ୧କୋଟି ୨୫ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା । ସନ୍ଧ୍ୟାରେ ରଙ୍ଗୀନ ଆଲୋକମାଳାରେ ଚାନ୍ଦି ମେଢଗୁଡିକ ଝଲସୁଥିବା ଦେଖାଯାଇଛି।

## ୨୭ରେ ଭସାଣି ଉତ୍ସବ

ଢେଙ୍କାନାଳ,୧୭।୧୦(ରତନ ନାୟାର)

ଢେଙ୍କାନାଳ ମୀନାବଜାର ପୂଜା ପ୍ରତିଷ୍ଠାନର ଆହ୍ୱାନରେ ମିଳିତ ବଜାର ପୂଜା କମିଟି ପକ୍ଷରୁ ଲକ୍ଷ୍ମୀପୂଜା ଭସାଣ ଉତ୍ସବ ପାଇଁ ଏକ ବୈଠକ ଗୁରୁବାର ଅପରାହ୍ନରେ ସହରସ୍ଥିତ ସୂର୍ଯ୍ୟମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଭାପତିତ୍ୱ କରି ମିଳିତବଜାର ପୂଜା କମିଟି ସଭାପତି ରାମଚନ୍ଦ୍ର ପାତ୍ର କହିଲେ, ଚଳିତବର୍ଷ ସମୟାନୁବର୍ତ୍ତିତା ବଜାୟ ରହିଲେ ଭସାଣି ଉତ୍ସବ ଶାନ୍ତିଶୃଙ୍ଖଳାର ସମାପିତ ହେବା ସେହିପରି ଶବ୍ଦ ପ୍ରଦୂଷଣକୁ ରୋକିବା ଉପରେ ଗୁରୁତ୍ୱ ଦିଆଯିବା ସହ ୬୦ରୁ ୬୫ ଡେସିବିଲ ମଧ୍ୟରେ ଏହାକୁ ରଖିବା ପାଇଁ ସେ କହିଥିଲେ। ପୂର୍ତ୍ତବିଭାଗ କାର୍ଯ୍ୟାଳୟ ରାସ୍ତାରେ ଯେପରି ୬ଟି ବଜାରର ମେଢ କ୍ରମାନ୍ୱୟରେ ରହିପାରିବେ ସେ ସମ୍ପର୍କରେ ପଦକ୍ଷେପ ନେବାକୁ କହିଥିଲେ। ପ୍ରଥମ ୭ଟି ମେଢ ଠିକ୍ ଭାବରେ ଶୋଭାଯାତ୍ରାରେ ଗଲେ କୌଣସି ସମସ୍ୟା ରହିବ ନାହିଁ। ପ୍ରଥମ ମେଢ ମିନାବଜାର ପୂଜା ପ୍ରତିଷ୍ଠାନ ସନ୍ଧ୍ୟା ୬ଟା ସୁଦ୍ଧା ଯେପରି ବାଜିଚୌକ ପାରହେବେ ସେଥିପାଇଁ ଉଦ୍ୟମ କରାଯିବ। ଭସାଣି ଶୋଭାଯାତ୍ରା ପାଇଁ ଗୋଟିଏ ଆବେଦନ ପତ୍ରରେ ସମସ୍ତ ଅନୁମତି ଆବେଦନ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ପରମ୍ପରାରେ କେହି ହସ୍ତକ୍ଷେପ କରିବେ ନାହିଁ ବୋଲି ନିଷ୍ପତ୍ତି ହୋଇଥିଲା। ସେହିପରି ବ୍ୟାପକ ବୁଝାଶୁଝା ଓ ସଚେତନ ହେବାପରେ ବି

**ସମୟାନୁବର୍ତ୍ତିତା ବଜାୟ ରଖିବା ଉପରେ ଗୁରୁତ୍ୱ**

ଯଦି କେହି ଅମାନିଆ ହେବେ, ସେମାନଙ୍କ ପଛରେ କେହି ଛିଡା ହେବେନାହିଁ ବୋଲି ନିଷ୍ପତ୍ତି ହୋଇଥିଲା। ବିଳମ୍ବ ହେଲେ ମଧ ନିଜ ନିଜ ବଜାରରେ ପୂଜା ପ୍ରତିଷ୍ଠାନଗୁଡିକ ବାଜା ବଜାଇ ଶୋଭାଯାତ୍ରାରେ ଯିବେ। କିଛି ପୂଜା ପ୍ରତିଷ୍ଠାନର ସଦସ୍ୟଙ୍କୁ କୌଣସି ମାମଲା ନ ଥାଇ ଅଭ୍ୟାସଗତ ଅପରାଧୀ ଭାବେ ପୋଲିସ ପକ୍ଷରୁ ନୋଟିସ ଦିଆଯାଇଥିବାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ଏ ସଂକ୍ରାନ୍ତରେ ମିଳିତବଜାର ପୂଜା କମିଟି ପକ୍ଷରୁ ପୋଲିସ ସହିତ ଆଲୋଚନା ହେବ ବୋଲି କୁହାଯାଇଥିଲା। ବୈଠକରେ ବିଭିନ୍ନ ପୂଜା ପ୍ରତିଷ୍ଠାନର ସଦସ୍ୟ ଓ ବୁଦ୍ଧିଜୀବୀମାନଙ୍କ ମଧ୍ୟରେ ଭାବଗ୍ରାହୀ ପଣ୍ଡା, ଶରତ ପଟ୍ଟନାୟକ, ରବି ନାରାୟଣ ବେହେରା, ଗୋପାଳଚନ୍ଦ୍ର ପାତ୍ର, ଶରତ କୁମାର ସାହୁ, ସୁକାନ୍ତ ମିଶ୍ର, ସନ୍ଦୀପ ଷଡଙ୍ଗୀ, ନବକିଶୋର ଗୁରୁ, ସୁଶାନ୍ତ ସାହୁ, ହୃଦୟାନନ୍ଦ ମହାନ୍ତି, ଅଶୋକ କୁମାର ସ୍ୱାଇଁ ଓ ବିଶ୍ୱ ରଞ୍ଜନ ଓଝା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ମୀନାବଜାର ପୂଜା କମିଟି ସଭାପତି ରବି ନାରାୟଣ ମହାନ୍ତି ଭସାଣି ଶୋଭାଯାତ୍ରା ସମ୍ପର୍କରେ ପ୍ରାରମ୍ଭିକ ସୂଚନା ଦେଇଥିଲେ। ସମ୍ପାଦକ ପୀତବାସ ସାହୁ ଉପସ୍ଥିତ ଥିଲେ।




ମିଳିତବଜାର ପୂଜା କମିଟିର ବୈଠକରେ ଉପସ୍ଥିତ କର୍ମକର୍ତ୍ତାମାନେ।



ଗୁଡ଼ିଆନାଳୀ ପୂଜା ପ୍ରତିଷ୍ଠାନ ପକ୍ଷରୁ ନିର୍ମିତ ତୋରଣ।

## ମା'ଙ୍କୁ ଦର୍ଶନକରି ଆଳତି କଲେ କେପି ସିଂହଦେଓ



ପୂର୍ବତନ କେନ୍ଦ୍ରମନ୍ତ୍ରୀ କେ.ପି ସିଂହଦେଓ ମା'ଙ୍କୁ ଦର୍ଶନ କରି ଆଳତି କରୁଛନ୍ତି।

ଢେଙ୍କାନାଳ,୧୭।୧୦(ରତନ ନାୟାର)

ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରିଗେଡିୟର ରାଜା କାମାକ୍ଷା ପ୍ରସାଦ ସିଂହଦେଓ ଗୁରୁବାର ଢେଙ୍କାନାଳ ଲକ୍ଷ୍ମୀପୂଜା ବୁଲି ଦେଖିବା ସହ ବିଭିନ୍ନ ପୂଜା ମଣ୍ଡପରେ ମା'ଙ୍କ ଦର୍ଶନ କରିବା ସହିତ ଆଳତି ଓ ପୂଜାର୍ଚ୍ଚନା କରିଥିଲେ । ସେ ସପରିବାରେ ମା'ଙ୍କ ଦର୍ଶନ କରିଥିଲେ । ପ୍ରଥମେ ସେ ମୀନାବଜାର ପୂଜା ପ୍ରତିଷ୍ଠାନରେ ମା'ଙ୍କ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ ତାଙ୍କ ସହିତ ଜିଲା କଂଗ୍ରେସ ସଭାପତି ସୁନିଲ କୁମାର ଦାଶ, ପ୍ରେମଶଙ୍କର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଜାତୀୟସ୍ତରୀୟ ପଲ୍ଲିଶ୍ରୀ ମେଳା ଉଦ୍‌ଘାଟିତ

**ଗଜଲକ୍ଷ୍ମୀ ପୂଜା ଓ ପଲ୍ଲିଶ୍ରୀ ମେଳା ପ୍ରମୁଖ ଆକର୍ଷଣ**

ଢେଙ୍କାନାଳ,୧୭।୧୦(ରତନ ନାୟାର)

ଢେଙ୍କାନାଳ ମହିଷାପାଟସ୍ଥିତ ପଡ଼ିଆରେ ଜାତୀୟ ସ୍ତରୀୟ ପଲ୍ଲିଶ୍ରୀ ମେଳା ଗୁରୁବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମେଳାକୁ ଉଦଘାଟନ କରି ଢେଙ୍କାନାଳ ମାଟିର ଗର୍ବ, ଗୌରବ ଓ ସମୃଦ୍ଧ ଇତିହାସ ଓ ବୀର ସ୍ୱାଧୀନତା ସଂଗ୍ରାମୀ ବାଜି ରାଉତଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ। ଲକ୍ଷ୍ମୀପୂଜା ମହୋତ୍ସବର ମୁଖ୍ୟ ଆକର୍ଷଣ ହେଲା ଗଜଲକ୍ଷ୍ମୀ ପୂଜା ଓ ପଲ୍ଲିଶ୍ରୀ ମେଳା । ଚଳିତବର୍ଷ ପଲ୍ଲିଶ୍ରୀ ମେଳାରେ ୫କୋଟିରୁ ଊର୍ଦ୍ଧ୍ୱ ବ୍ୟବସାୟ ହେବ ବୋଲି ଆମେ ଆଶା ରଖିଛୁ ବୋଲି ମନ୍ତ୍ରୀ କହିଥଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏମ୍‌ପି ରୁଦ୍ର ନାରାୟଣ ପାଣି, ଜିଲାର ସାମଗ୍ରୀକ ବିକାଶ ଦିଗରେ ରାଜ୍ୟ ସରକାର କାମ କରୁଛନ୍ତି। ଆଗାମୀ ଦିନରେ ଆହୁରି ଉନ୍ନତିମୂଳକ କାମ କରାଯିବ ବୋଲି କହିଥିଲେ । ଉତ୍ସବରେ ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ଜିଲା ପରିଷଦ ଅଧକ୍ଷା ଅର୍ଚ୍ଚନା ପୁହାଣ, ଢେଙ୍କାନାଳ ପୌର ଅଧକ୍ଷା ଜୟନ୍ତୀ ପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ଉତ୍ସବରେ ସଭାପତିତ୍ୱ କରିଥିଲେ। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତି ଶଙ୍କର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଓରମାସ୍ ଡେପୁଟି ସିଇଓ ଅଶ୍ୱିନୀ ପରିଡା ଧନ୍ୟବାଦ ପ୍ରଦାନ କରିଥିଲେ । ଅବନୀ କୁମାର ମିଶ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ଓରମାସ ଓ ଜିଲା ପ୍ରଶାସନର ମିଳିତ ସହଯୋଗରେ ଆୟୋଜିତ ଏହି ମେଳାରେ ସ୍ୱୟଂ ସହାୟକ ଗୋଷ୍ଠୀ, କାରିଗର, ଉତ୍ପାଦକ ସଂଘଗୁଡିକର ଉତ୍ପାଦନ ସାମଗ୍ରୀକୁ ନେଇ ପ୍ରଦର୍ଶନୀ ଓ ବିପ୍ପଣନ ଦିଗରେ ଏକ ସୁଯୋଗ ସୃଷ୍ଟି କରିଛି । ୨୦୨୩ ମସିହାରେ ଆୟୋଜିତ ପଲ୍ଲିଶ୍ରୀ ମେଳାରେ ୨୪ଟି ରାଜ୍ୟ ସମେତ ଓଡ଼ିଶାର ୩୦ଜିଲାର କାରିଗର ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ଭାଗନେଇ ୩.୭ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର କାରବାର ହୋଇଥିଲା । ଚଳିତବର୍ଷ ମୋଟ ୨୫୦ଟି ଷ୍ଟଲ ବ୍ୟବସ୍ଥା ସହିତ ୧୫ଟି ଖାଦ୍ୟ ଷ୍ଟଲ କରାଯାଇଛି। ଓଡ଼ିଶାର ୩୦ଟି ଜିଲା ସମେତ ଉତ୍ତରପ୍ରଦେଶ, ମହାରାଷ୍ଟ୍ର, ଗୁଜୁରାଟ, ଜାମ୍ମୁକାଶ୍ମୀର, କର୍ଣ୍ଣାଟକ, ଦିଲ୍ଲୀ, ପଞ୍ଜାବ, ରାଜସ୍ଥାନ, ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡ, ଆସାମ, ମଣିପୁର, ମଧ୍ୟପ୍ରଦେଶ ଆଦି ରାଜ୍ୟ ଭାଗ ନେଇଛନ୍ତି। ଏଥିସହିତ ସରକାରଙ୍କ ହସ୍ତ, କୁଟିରଶିଳ୍ପ ବିଭାଗ, ଶିଳ୍ପ ବିଭାଗ, ମହିଳା ଓ ଶିଶୁ ବିଭାଗ, ପ୍ରାଣୀ ସମ୍ପଦ, କୃଷି, ଉଦ୍ୟାନ, ମତ୍ସ୍ୟ, ଜଳ ବିଭାଜିକା, ଜଙ୍ଗଲ ଓ ମିଶନ ଶକ୍ତି ବିଭାଗ ଆଦି ଭାଗ ନେଇଛନ୍ତି । ୧୭ରୁ ୨୫ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ଏହି ମେଳାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଜିଲା ସଂସ୍କୃତି ବିଭାଗ ସହଯୋଗରେ ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ ବୋଲି ସୂଚନା ଦିଆଯାଇଛି।




ଅନୁଗୋଳ ଅମଲାପଡ଼ା ପୂଜା କମିଟି ମେଢ଼।


ଅନୁଗୋଳ ଶାନ୍ତି ବଜାର ମେଢ଼।


ଅନୁଗୋଳ ଡିଆଇସି ଛକ ମେଢ଼।


ଅନୁଗୋଳ ଲକ୍ଷ୍ମୀ ବଜାର ମେଢ଼।


ଅନୁଗୋଳ ଡେଲି ମାର୍କେଟ ମେଢ଼।

# ଆଲୋକମାଳାରେ ଝଲସୁଛି ଅନୁଗୋଳ

- ୩୦ ସ୍ଥାନରେ ଦେବୀ ଲକ୍ଷ୍ମୀଙ୍କ ପୂଜା
- ସହରରେ ପାଟ୍ରୋଲିଂ କଲେ ଏସ୍‌ପି
- କେନ୍ଦ୍ରୀୟ ପୂଜା କମିଟି କାର୍ଯ୍ୟାଳୟ ଉଦ୍‌ଘାଟିତ



**ଅନୁଗୋଳ,୧୭।୧୦(ଜ୍ୟୋତିରଞ୍ଜନ ସାହୁ)**

ଅନୁଗୋଳ ସହରରେ ଧୁମ୍‌ଧାମରେ ଚାଲିଛି ମା' ଲକ୍ଷ୍ମୀଙ୍କ ପୂଜା। ଚଳିତବର୍ଷ ୩୦ ମଣ୍ଡପରେ ମା'ଙ୍କ ପୂଜା କରାଯାଉଥିବା ବେଳେ ସାଜସଜ୍ଜା ସହ ତୋରଣ ବେଶ୍ ମନଲୋଭା ହୋଇଛି। ରଙ୍ଗିନ ଆଲୋକମାଳାରେ ସହର ସମ୍ପୂର୍ଣ୍ଣ ଝଲସିଉଠୁଛି।

କାଞ୍ଚନ ବଜାରଠାରେ ଶ୍ରୀକ୍ଷେତ୍ର ସଦୃଶ ତୋରଣ ଜଗନ୍ନାଥ ଭକ୍ତଙ୍କ ମନ ଜିଣିଛି। ପ୍ରଥମ ଦିନରୁ ଏହି ତୋରଣ ଓ ମେଢ଼ ଦେଖିବା ପାଇଁ ପ୍ରବଳ ଭିଡ଼ ହେଉଛି। ସେହିପରି ଡିଆଇସି ଛକ ଠାରେ ପୃଥିବୀ ସଦୃଶ ତୋରଣ ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇଛି। ଦଶହରା ପଡ଼ିଆ, କାଞ୍ଚନ ବଜାର, ଅମଲାପଡ଼ା, କଲେଜଛକ, ବସ୍‌ଷ୍ଟାଣ୍ଡ, ହୁଲୁରିସିଂହା, ଲକ୍ଷ୍ମୀ ବଜାର, ବଜାର ଛକ, ତାମ୍ରିତ କଲୋନୀ ଛକ, କାଲଟାସ୍କ ଛକ, ଡେଲି ମାର୍କେଟ ଆଦି ସ୍ଥାନରେ ମା'ଙ୍କୁ ପୂଜା କରାଯାଉଛି। ବିଭିନ୍ନ ପୂଜା ମଣ୍ଡପରେ ଅନ୍ନ ଭୋଗ ବଣ୍ଟନ କରାଯାଉଛି। କଲେଜ ଛକ ଠାରେ ସଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ପ୍ରତିଦିନ ଏହି କାର୍ଯ୍ୟକ୍ରମରେ ଓଡ଼ିଆ ଚଳଚ୍ଚିତ୍ର ଜଗତର ନାମୀଦାମୀ କଳାକାର ଯୋଗଦେବାର କାର୍ଯ୍ୟକ୍ରମ ଅଛି ବୋଲି କମିଟି ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ପୂଜାକୁ ଶାନ୍ତି ଶୃଙ୍ଖଳାର ସହ କିପରି ସମ୍ପନ୍ନ କରାଯିବ ସେଥିପାଇଁ ସନ୍ଧ୍ୟାରେ ଏସ୍‌ପି ରାହୁଲ ଜୈନ ବଜାର ଭିତରେ ପାଟ୍ରୋଲିଂ କରିଛନ୍ତି। ସମସ୍ତ ସିସି କ୍ୟାମେରାକୁ ସଜଡ଼ାଯାଇଛି। ପୌରପାଳିକା ସମ୍ମୁଖରେ କେନ୍ଦ୍ରୀୟ ପୂଜା କମିଟି ପକ୍ଷରୁ କାର୍ଯ୍ୟାଳୟ ଉଦ୍‌ଘାଟନ ହୋଇଛି। ଏହି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଓ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ଯୋଗ ଦେଇଥିଲେ। କମିଟି ସଭାପତି ସୁନୀଲ କୁମାର ସାହୁ, ସମ୍ପାଦକ ଦିଲୀପ ପ୍ରଧାନଙ୍କ ସହ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏହି ଅବସରରେ ଭସାଣି ଶୋଭାଯାତ୍ରାରେ ମେଢ଼ଗୁଡ଼ିକ ସାମିଲ ପାଇଁ ଲଟେରି ମାଧମରେ ଚୟନ କରାଯାଇଥିଲା।


ଅନୁଗୋଳ ବଜାର ଛକରେ ପୂଜା ପାଉଥିବା ମେଢ଼।

# ଚାନ୍ଦି ମୁକୁଟରେ ଝଲସୁଛନ୍ତି ଦେବୀ



**ଅନୁଗୋଳ,୧୭।୧୦ (ମାନସ ବିଶ୍ୱାଳ)**

ଅନୁଗୋଳ ଲକ୍ଷ୍ମୀ ପୂଜା ଇତିହାସରେ ପ୍ରଥମ ଥର ପାଇଁ ଲକ୍ଷ୍ମୀ ବଜାର ଗଜଲକ୍ଷ୍ମୀ ପୂଜା ସମିତି ପକ୍ଷରୁ ଧନଦାତ୍ରୀ ମହାଲକ୍ଷ୍ମୀଙ୍କ ମୃଣ୍ମୟୀ ପ୍ରତିମାରେ ପ୍ରାୟ ୧୫ କେଜି ଓଜନର ରୁପା ସହିତ ଏକ ଭରି ଓଜନର ସୁନା ଲାଗିଛି। ୧୯୬୦ ମସିହାରେ ଅନୁଗୋଳ ଲକ୍ଷ୍ମୀ ବଜାରରେ ପ୍ରଥମ ଥର ପାଇଁ ସାର୍ବଜନୀନ ଲକ୍ଷ୍ମୀପୂଜା ଆରମ୍ଭ କରାଯାଇଥିଲା। ସେହିଦିନଠାରୁ କମିଟିର ସଦସ୍ୟମାନେ ଏହି ପୂଜାର ଭବ୍ୟତା, ଭାଇଚାରା ଓ ପବିତ୍ରତାକୁ ବଜାୟ ରଖି ଆସିଛନ୍ତି। ଚଳିତବର୍ଷ ମେଢ଼, ମୂର୍ତ୍ତି ଓ ଆଲୋକ ସଜ୍ଜା ଉପରେ ବିଶେଷ ଗୁରୁତ୍ୱ ଦେଇଛି କମିଟି। ଅନ୍ନ ଭୋଗ, ସନ୍ଧ୍ୟାରେ ପ୍ରତିଦିନ ଖିରି, କାକରା, ହାଲୁଆ ଭୋଗ ଲାଗି ହେଉଥିବା କମିଟି ସଦସ୍ୟମାନେ ସୂଚନା ଦେଇଛନ୍ତି। ମୂର୍ତ୍ତିରେ ସୁନା, ରୁପାର ଅଳଙ୍କାର ଲାଗି ହୋଇଥିବାରୁ ଘରୋଇ ସୁରକ୍ଷା କର୍ମୀ ନିୟୋଜିତ କରାଯାଇଛି। ଏଥିସହ ସିସିଟିଭିର ବ୍ୟବସ୍ଥା କରାଯାଇଛି ବୋଲି ଲକ୍ଷ୍ମୀ ବଜାର ପୂଜା କମିଟି ସଭାପତି ଭରତ କୁମାର ସାହୁ ସୂଚନା ଦେଇଛନ୍ତି। ସମ୍ପାଦକ ଜ୍ୟୋତିରଞ୍ଜନ ସାହୁ, ଉପସଭାପତି ତପନ କୁମାର ସାହୁ, ଶିବାଶିଷ କର, ସୌମ୍ୟରଞ୍ଜନ ସାହୁ, ଯୁଗ୍ମ ସମ୍ପାଦକ ଆଦର୍ଶ କୁମାର ସାହୁ, ଆକାଶ ମହାରଣା ଏବଂ କୋଷାଧ୍ୟକ୍ଷ ବିକାଶ ଅଗ୍ରୱାଲ ପ୍ରମୁଖ ପୂଜାର ବିଭିନ୍ନ ଦାୟିତ୍ୱ ନିର୍ବାହ କରୁଛନ୍ତି।

# ଆକର୍ଷିତ କରୁଛି ଡ୍ରାଏ ଫ୍ରୁଟ୍‌ସରେ ନିର୍ମିତ ମୂର୍ତ୍ତି



**ଅନୁଗୋଳ,୧୭।୧୦ (ମାନସ ବିଶ୍ୱାଳ)**

ଅନୁଗୋଳ ସହର ବଜାର ଛକରେ ୧୯୬୧ ମସିହାରେ ପ୍ରତିଷ୍ଠା କରାଯାଇଥିବା ଲକ୍ଷ୍ମୀ ନାରାୟଣ ପୂଜା କମିଟି ଚଳିତବର୍ଷ ୬୪ ତମ ପୂଜା ଉତ୍ସବ ପାଳନ କରୁଛି। ଏହି କମିଟି ପକ୍ଷରୁ ପ୍ରତିବର୍ଷ ଲକ୍ଷ୍ମୀ ନାରାୟଣଙ୍କ ପ୍ରତିମୂର୍ତ୍ତି କରାଯିବା ସହ କିଛି ନୂତନତ୍ୱ ପ୍ରଦର୍ଶନ କରାଯାଇଥାଏ। ଚଳିତ ବର୍ଷ ପ୍ରାୟ ୧୧ ଲକ୍ଷ ଟଙ୍କାର ଡ୍ରାଏ ଫ୍ରୁଟସରେ ମୂର୍ତ୍ତି ଏବଂ ମେଢ଼ ତିଆରି ହୋଇଛି। କୋଲକାତାର ପ୍ରସିଦ୍ଧ କାରିଗରମାନେ କାଜୁ, ପେସ୍ତା, ଚିନା ବାଦାମ, ଚାରୁମଗଜ୍, ମଟର, ରାଜମା, ଧଳା ସୋରିଷ, ବିଭିନ୍ନ ପ୍ରକାର ଡାଲିରେ ଏହି ଭବ୍ୟ ମୂର୍ତ୍ତି ଓ ମେଢ଼ ତିଆରି କରିଛନ୍ତି। ଏହାକୁ ଦର୍ଶକମାନେ ବେଶ୍ ପସନ୍ଦ କରୁଛନ୍ତି। ପ୍ରତିଦିନ ପୂଜା କମିଟି ପକ୍ଷରୁ ଖିରି, କାକରା ଭୋଗ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି। ଭାଇଚାରା ଓ ଏକତା ଏହି କମିଟିର ମୂଳ ମନ୍ତ୍ର ବୋଲି ସଭାପତି ସୁଧୀର ରଞ୍ଜନ ସାହୁ ପ୍ରକାଶ କରିଛନ୍ତି। ଉପ ସଭାପତି ଶେଖ୍ ରଫିକ ଓ କମଳେଶ ବର୍ମା, ସମ୍ପାଦକ ଚନ୍ଦ୍ରକାନ୍ତ ଧଳ, ସହ ସମ୍ପାଦକ କପିଲ ଫୋଗଲା ଏବଂ କୋଷାଧ୍ୟକ୍ଷ ବ୍ରଜ ବନ୍ଧୁ ଦେହୁରୀ ପ୍ରମୁଖ ସମସ୍ତ କାମ ତଦାରଖ କରୁଛନ୍ତି।


ଅନୁଗୋଳ କାଞ୍ଚନ ବଜାର ତୋରଣ।


ଅନୁଗୋଳ ସହରରେ ଏସ୍‌ପି ରାହୁଲ ଜୈନ ଓ ପୋଲିସ ପକ୍ଷରୁ ପାଟ୍ରୋଲିଂ। (ଫଟୋ- ବୁବୁ)

# ବିଭିନ୍ନ ଗ୍ରାମରେ ଲକ୍ଷ୍ମୀପୂଜା

**ବଇଣ୍ଡା,୧୭।୧୦(ପରିକ୍ଷିତ ସାହୁ):** କିଶୋରନଗର ବ୍ଲକର ବଇଣ୍ଡା, ଫ୍ରେଣ୍ଡସ କ୍ଲବ, ନୁନୁକାପଶି, ବୈଷ୍ଣବସାହି, ବଡ଼ହୁଲା, ବସ୍‌ଷ୍ଟାଣ୍ଡ, ଇଚ୍ଛାପୁର, ଆନନ୍ଦମୁଣ୍ଡା, ବାଦିବାହାଲ, ଖଣ୍ଡହତା, ଲୁହାମୁଣ୍ଡା, ହଣ୍ଡପା, ନାକିଚି, ସରିଗୀପାଲି, ଘୋଷାର, ତୁରୁଡ଼ା, ଠାକୁରଗଡ଼, ଶିମିଳିଆ, ପାଇକସାହି, ପେଡିପଥର ଆଦି ଗ୍ରାମରେ ଗୁରୁବାରଠାରୁ ମା' ଲକ୍ଷ୍ମୀଙ୍କ ପୂଜା ଆରମ୍ଭ ହୋଇଛି। ବୁଧବାର ସନ୍ଧ୍ୟାରେ ଏଥିପାଇଁ କଳସ ଶୋଭାଯାତ୍ରା କରାଯାଇଥିଲା। ପୂଜାମଣ୍ଡପଗୁଡ଼ିକ ରଙ୍ଗବେରଙ୍ଗ ଆଲୋକମାଳା ସହ ଚୁମ୍ବକୀୟ ଲାଇଟ୍‌ରେ ବେଶ୍ ଆକର୍ଷଣୀୟ ହୋଇଛି। ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯିବା ସହ ଦର୍ଶକଙ୍କ ମନୋରଞ୍ଜନ ପାଇଁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଉଛି। ପୂଜା କମିଟିର ମାନସ ରଞ୍ଜନ ସାହୁ, ଶୁଭେନ୍ଦୁ ମୋହନ ସାହୁ, ବସନ୍ତ କୁମାର ଗଡନାୟକ, ଚନ୍ଦ୍ରମଣି ପ୍ରଧାନ, ବାଳକୃଷ୍ଣ ସ୍ୱାଇଁ, ପ୍ରଦୀପ ପ୍ରଧାନ, ଅଖିଳ ପ୍ରଧାନ, ସୁଧାସାଗର ପ୍ରଧାନଙ୍କ ସମେତ ପୂଜା କମିଟିର ସମସ୍ତ କର୍ମକର୍ତ୍ତା ସହଯୋଗ କରୁଛନ୍ତି।


ଠାକୁରଗଡ଼ ମେଢ଼।


ନୁନୁକାପଶି ମେଢ଼।


ବଇଣ୍ଡା ବସ୍‌ଷ୍ଟାଣ୍ଡ ମେଢ଼।


ବଇଣ୍ଡା ବୈଷ୍ଣବ ସାହି ମେଢ଼।


ଆଠମଲ୍ଲିକ ବଡ଼ଦାଣ୍ଡସାହି ଲକ୍ଷ୍ମୀ ପୂଜା କମିଟି ମେଢ଼।


ଆଠମଲ୍ଲିକ ଲକ୍ଷ୍ମୀ ନାରାୟଣ ବଜାର ପକ୍ଷରୁ ହୋଇଥିବା ମା' ଲକ୍ଷ୍ମୀଙ୍କ ମେଢ଼।

# ୧୬ ମଣ୍ଡପରେ ପୂଜା ପାଉଛନ୍ତି ପଦ୍ମାଳୟା

**ତାଳଚେର,୧୭।୧୦ (ମନୋଜ ନନ୍ଦ)**

ତାଳଚେର ବ୍ଲକ କଳମଛୁଇଁ ଗ୍ରାମର ଗଣପର୍ବ ଗଜଲକ୍ଷ୍ମୀ ପୂଜା ମହାସମାରୋହରେ ପାଳିତ ହେଉଛି। ଚଳିତବର୍ଷ ବାଉଁଶଗାଡ଼ିଆ ସାହିରୁ ଦେଉଳଛକ ପର୍ଯ୍ୟନ୍ତ ୧୬ଟି ମେଢ଼ କରାଯାଇଛି। ବୁଧବାର ୬ଟି ପୂଜା ମଣ୍ଡପରେ ମା'ଙ୍କ ପୂଜାର୍ଚ୍ଚନା କରାଯାଇଥିବାବେଳେ ଗୁରୁବାର ୧୦ଟି ମଣ୍ଡପରେ ପାରମ୍ପରିକ ବିଧିବିଧାନ ଅନୁଯାୟୀ ପୂଜା ସମ୍ପନ୍ନ ହୋଇଥିଲା। ବିଭିନ୍ନ ପୂଜା କମିଟି ପକ୍ଷରୁ କଳସ ଯାତ୍ରାର ଆୟୋଜନ କରାଯାଇଥିଲା। ମା' ଲକ୍ଷ୍ମୀପୂଜା କମିଟି ବାଉଁଶଗାଡ଼ିଆ ସାହି, ମହାଲକ୍ଷ୍ମୀ ପୂଜା କମିଟି ବଡ଼ଠାକୁର ସାହି, ପଦ୍ମପାଦ ଲକ୍ଷ୍ମୀପୂଜା କମିଟି, ଏମ୍‌ଏଲ୍‌ଏ ଛକ, ମହାଲକ୍ଷ୍ମୀ ପୂଜା କମିଟି ଗୋଛାୟତ ସାହି, ହରଗୌରୀ ମହାଲକ୍ଷ୍ମୀ ପୂଜା କମିଟି ନାଏକ ସାହି, ନୀଳାଚଳ ଲକ୍ଷ୍ମୀ ପୂଜା କମିଟି ବୁଢ଼ାବୁଢ଼ୀ ସାହି, ବଡ଼ଦାଣ୍ଡ ସାହି ଲକ୍ଷ୍ମୀ ପୂଜା କମିଟି, ଚାରଗାଡ଼ିଆ ମହାଲକ୍ଷ୍ମୀ ପୂଜା କମିଟି, ସୁପର ମାର୍କେଟ ଲକ୍ଷ୍ମୀ ପୂଜା କମିଟି, ଦେଉଳଛକ ଗଜଲକ୍ଷ୍ମୀ ପୂଜା କମିଟି, କାଳୀକାପ୍ରସାଦ ଲକ୍ଷ୍ମୀ ପୂଜା କମିଟି, ପୁରୁଣା ସାହି କଦମ୍ବ ଛକ ଲକ୍ଷ୍ମୀ ପୂଜା କମିଟି, ମା' ଗଜଲକ୍ଷ୍ମୀ ପୂଜା କମିଟି ପୁରୁଣା ସାହି ଆଦି ୧୬ ମଣ୍ଡପରେ ଆରାଧନା କରାଯାଉଛି। ଅତ୍ୟାଧୁନିକ ଏଲ୍‌ଇଡି ଲାଇଟଯୁକ୍ତ ସୁଉଚ୍ଚ ତୋରଣ ସହ ଆଲୋକମାଳାରେ ସମଗ୍ର ଗ୍ରାମ ଝଲସି ଉଠୁଛି। ବିଭିନ୍ନ ପୂଜା ମଣ୍ଡପ ପାଖରେ ଦୋଳି,ମିନାବଜାର, ମନୋହରି ଦୋକାନ, ଫାଷ୍ଟଫୁଡମାନ ଖୋଲାଯାଇଛି। ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ବ୍ୟାପକ ପୋଲିସ ବ୍ୟବସ୍ଥା କରାଯାଇଛି। ଆସନ୍ତା ୨୫ ତାରିଖରେ ଭସାଣି ଉତ୍ସବ ଅନୁଷ୍ଠିତ ହେବ ବୋଲି କଳମଛୁଇଁ କେନ୍ଦ୍ରୀୟ ଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ସୂଚନା ଦିଆଯାଇଛି।

**ଗଜଲକ୍ଷ୍ମୀ ପୂଜାରେ ଉତ୍ସବମୁଖର କଳମଛୁଇଁ**


ତାଳଚେର କଳମଛୁଇଁସ୍ଥିତ କାଳିକାପ୍ରସାଦ ଲକ୍ଷ୍ମୀ ପୂଜା କମିଟି ମେଢ଼।


ଗୋଛାୟତସାହି ମହାଲକ୍ଷ୍ମୀ ପୂଜା କମିଟି ମେଢ଼।


ସୁପର ମାର୍କେଟ ଲକ୍ଷ୍ମୀ ପୂଜା କମିଟି ମେଢ଼।


ବୁଢ଼ାବୁଢ଼ିସାହି ଲକ୍ଷ୍ମୀ ପୂଜା କମିଟି ମେଢ଼।

